# NATIONAL NEWS BULLETIN (ODIA)

**26 March - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସାରା ଦେଶରେ ଆଜି ରଙ୍ଗର ପର୍ବ ହୋଲି ପାଳିତ ହେଉଛି ।

- ଅଭିନେତ୍ରୀ କଙ୍ଗନା ରାଣାଓ୍ବତଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ  କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜାତୀୟ ମହିଳା ଆୟୋଗ ନିର୍ବାଚନ ଆୟୋଗଙ୍କୁ ଅନୁରୋଧ କରିଛନ୍ତି ।

- ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ବିକ୍ରମସିଂହେ ଭାରତର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଶଂସା କରିଛନ୍ତି ।

- ସିକ୍କିମରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ବିଜେପି ଆଜି ୯ ଜଣିଆ ଦ୍ୱିତୀୟ ପ୍ରାର୍ଥୀ ତାଲିକା ଜାରି କରିଛି ।

ଏବଂ

- ଆଜି ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମରେ   ଚେନ୍ନାଇ ସୁପର କିଙ୍ଗସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ମୁକାବିଲା ହେବ ।

# ହୋଲି

ସାରା ଦେଶରେ ଆଜି ରଙ୍ଗର ପର୍ବ ହୋଲି ପାଳିତ ହେଉଛି । ଏହି ପର୍ବ ମନ୍ଦ ଉପରେ ଭଲର ବିଜୟକୁ ସୂଚୀତ କରେ । ହୋଲିପର୍ବ ବସନ୍ତ ଋତୁର ଆଗମନକୁ ଦର୍ଶାଇଥାଏ । ଏହିଦିନ ଲୋକମାନେ ପରସ୍ପରକୁ ରଙ୍ଗ ଲଗାଇ ଶୁଭେଚ୍ଛା ଜଣାଇବା ସହ ମିଠା ଖୁଆଇ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତି । ଆଜି ବ୍ରଜମଣ୍ଡଳ ଠାରୁ ଆରମ୍ଭ କରି ଅଯୋଧ୍ୟା ଧାମ ପର୍ଯ୍ୟନ୍ତ ସମଗ୍ର ଉତ୍ତରପ୍ରଦେଶରେ ଧୁମ୍‌ଧାମ୍‌ରେ ହୋଲିପର୍ବ ପାଳିତ ହେଉଛି । ବିହାରର ବିଭିନ୍ନ ସ୍ଥାନରେ ଆନନ୍ଦ ଉଲ୍ଲାସର ସହ ହୋଲିପର୍ବ ପାଳିତ ହେଉଥିବା ବେଳେ ଓଡ଼ିଶାର ପୁରୀ ଶ୍ରୀମନ୍ଦିର ସମେତ ବିଭିନ୍ନ ଦେବପୀଠରେ ସ୍ୱତନ୍ତ୍ର ନୀତିକାନ୍ତି ସହ ଦୋଳ ଓ ହୋଲିପର୍ବ ପାଳିତ ହେଉଛି । ପଞ୍ଜାବରେ ପାକିସ୍ତାନ ସହ ଲାଗିଥିବା ଭାରତୀୟ ସୀମାରେ ସୁରକ୍ଷା ବାହିନୀ ଯବାନମାନେ ହୋଲି ପାଳନ କରିଛନ୍ତି ।

# ମହିଳା କମିଶନ କଙ୍ଗନା ରାଣାଓ୍ୱତ

ଅଭିନେତ୍ରୀ କଙ୍ଗନା ରାଣାଓ୍ୱତଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ କଂଗ୍ରେସ ମୁଖପାତ୍ର ସୁପ୍ରିୟା ଶ୍ରୀନେତ ଏବଂ ଦଳୀୟ ନେତ୍ରୀ ଏଚ୍ ଏସ୍ ଆହିରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜାତୀୟ ମହିଳା ଆୟୋଗ ନିର୍ବାଚନ ଆୟୋଗଙ୍କୁ ଅନୁରୋଧ କରିଛନ୍ତି । ଆୟୋଗର ଅଧ୍ୟକ୍ଷା ରେଖା ଶର୍ମା ଏକ

ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ସେ ଏ ସଂକ୍ରାନ୍ତରେ ନିର୍ବାଚନ କମିଶନରଙ୍କୁ ଅବଗତ କରାଇଛନ୍ତି। ସୋସିଆଲ ମିଡିଆରେ କଙ୍ଗନା ରାଣାଓ୍ୱତଙ୍କ ବିଷୟରେ ଅପମାନଜନକ ମନ୍ତବ୍ୟ ଦେଇଥିବା ଦୁଇ ନେତାଙ୍କ ଏଭଳି ଆଚରଣରେ  ମହିଳା କମିଶନ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି । ଜାତୀୟ ମହିଳା ଆୟୋଗର ଅଧ୍ୟକ୍ଷା କହିଛନ୍ତି, ଏଭଳି ଆଚରଣ ଅସହ୍ୟ ଓ ମହିଳାଙ୍କ ସମ୍ମାନ ବିରୋଧୀ।  ସୂଚନାଯୋଗ୍ୟ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ହିମାଚଳ ପ୍ରଦେଶର ମଣ୍ଡି ଲୋକସଭା ଆସନରୁ ଭାରତୀୟ ଜନତା ପାର୍ଟି ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ନେତ୍ରୀ ସୁପ୍ରିୟା ଶ୍ରୀନେତ ଏକ ସ୍ପଷ୍ଟୀକରଣ ଜାରି କରି କହିଛନ୍ତି ଯେ ତାଙ୍କ ଫେସବୁକ ଏବଂ ଇନଷ୍ଟାଗ୍ରାମ ଆକାଉଣ୍ଟକୁ ଅନେକ ଲୋକ ଆକସେସ୍ କରିଛନ୍ତି । ସେ ବିବାଦୀୟ ପୋଷ୍ଟକୁ ହଟାଇବା ଦେଇଥିବା ସୂଚନା ଦେଇଛନ୍ତି ।

## ଏସଏଲ-ସେଣ୍ଟ୍ରାଲ ବ୍ୟାଙ୍କ

ଶ୍ରୀଲଙ୍କାର କେନ୍ଦ୍ରୀୟ ବ୍ୟାଙ୍କ  ଖରାପ ଆର୍ଥିକ ସଙ୍କଟ ମଧ୍ୟରେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ  ଆଜି ସୁଧ ହାରରେ ୫୦ ବେସିସ୍ ପଏଣ୍ଟ ହ୍ରାସ କରିଛି। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଶ୍ରୀଲଙ୍କା -ସିବିଏସ୍ଏଲ୍ ଜମା ଉପରେ ୮.୫ ପ୍ରତିଶତ ଏବଂ ଋଣ ଉପରେ  ୯.୫ ପ୍ରତିଶତ ସୁଧ ହାର ହ୍ରାସ କରିଛି।

୨୦୨୨ରେ ଶ୍ରୀଲଙ୍କା ବାହ୍ୟ ଋଣ ପରିଶୋଧରେ ଖିଲାପ କରି ସବୁଠାରୁ ଖରାପ ଅର୍ଥନୈତିକ ସଙ୍କଟର ସମ୍ମୁଖୀନ ହୋଇଥିଲା। ବୈଦେଶିକ ମୁଦ୍ରା

ଅଭାବକୁ କେନ୍ଦ୍ର କରି ସୃଷ୍ଟି ହୋଇଥିବା ଏହି ସଙ୍କଟ ଯୋଗୁଁ ଖାଦ୍ୟ, ଇନ୍ଧନ, ଔଷଧ ଏବଂ ସାର ଭଳି ଅତ୍ୟାବଶ୍ୟକ ଆମଦାନୀ ଯୋଗାଣ ଅଭାବରୁ ମୁଦ୍ରାସ୍ଫୀତି ୭୦ ପ୍ରତିଶତକୁ ବୃଦ୍ଧି ପାଇଥିଲା । ତେବେ ଭାରତ ଠାରୁ ସହାୟତା, ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରୁ ଆର୍ଥିକ ପ୍ୟାକେଜ ଏବଂ କଠୋର ମୁଦ୍ରାନୀତି ଯୋଗୁଁ ମୁଦ୍ରାସ୍ଫୀତି ଗତ ବର୍ଷ ଶେଷ ଆଡ଼କୁ ଏକ ଅଙ୍କକୁ ହ୍ରାସ ପାଇଥିଲା। ଗତମାସରେ ଶ୍ରୀଲଙ୍କାର ମୁଦ୍ରାସ୍ଫୀତି ୫.୯ ପ୍ରତିଶତ ଥିବା ରେକର୍ଡ କରାଯାଇଥିଲା ।

## ଏସଏଲ-ସଭାପତି

ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ବିକ୍ରମସିଂହେ ଭାରତର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି  ଆଗାମୀ ବର୍ଷଗୁଡ଼ିକରେ ଅଭିବୃଦ୍ଧି ଏବଂ ଡିଜିଟାଲ ପବ୍ଲିକ ଇନଫ୍ରାଷ୍ଟ୍ରକଚର କ୍ଷେତ୍ରରେ ଭାରତର ସଫଳତାରୁ ଶ୍ରୀଲଙ୍କା ଲାଭବାନ ହେବ । ଆଜି କଲମ୍ବୋଠାରେ ଭାରତୀୟ ହାଇ କମିଶନ ଙ୍କ ଦ୍ୱାରା ଶ୍ରୀଲଙ୍କାରେ ଆୟୋଜିତ ଡିଜିଟାଲ ପବ୍ଲିକ ଇନଫ୍ରାଷ୍ଟ୍ରକଚର ସମ୍ମିଳନୀରେ ସେ ଏହା କହିଛନ୍ତି।

ଶ୍ରୀ ବିକ୍ରମସିଂହେ କହିଛନ୍ତି ଯେ ଗତବର୍ଷ ଭାରତ ଗସ୍ତ ସମୟରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଶ୍ରୀଲଙ୍କାର ଆହ୍ୱାନ ଏବଂ ସୁଯୋଗ ବିଷୟରେ ଆଲୋଚନା କରିଥିଲେ ।

ଏଥିରେ ଶ୍ରୀଲଙ୍କାରେ ଅବସ୍ଥାପିତ ଭାରତୀୟ ହାଇକମିଶନର ସନ୍ତୋଷ ଝା ଡିଜିଟାଲ ଇଣ୍ଡିଆର ସଫଳତା ବିଷୟରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ।

## କେରଳ ବିଶ୍ୱବିଦ୍ୟାଳୟ

କେରଳର ଓ୍ୱାୟନାଡସ୍ଥିତ ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ପି.ସି ଶଶିନ୍ଦ୍ରନ ନିଜ ପଦବୀର ଇସ୍ତଫା ଦେଇଛନ୍ତି । ସେ ରାଜ୍ୟପାଳ ଆରିଫ ମହମ୍ମଦ ଖାନଙ୍କୁ ତାଙ୍କ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେଇଥିବା କହିଛନ୍ତି । ତେବେ ଇସ୍ତଫା ଦେବା ପୂର୍ବରୁ କୁଳପତି ଗତମାସରେ ବିଶ୍ୱବିଦ୍ୟାଳୟ ଛାତ୍ର ସିଦ୍ଧାର୍ଥନ ହତ୍ୟା ମାମଲାରେ ନିଲମ୍ବିତ ହୋଇଥିବା ସମସ୍ତ ୩୩ ଜଣ ଛାତ୍ରଙ୍କୁ ପୁନଃ ଅବସ୍ଥାପିତ କରିଥିଲେ। ସିଦ୍ଧାର୍ଥନଙ୍କୁ କିଛି ଛାତ୍ର ଆକ୍ରମଣ କରିଥିଲେ, ଯେଉଁଥିରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଆସାମ ନାମାଙ୍କନ

ଆସାମରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ଅନେକ ନେତା ନାମାଙ୍କନ ପତ୍ର ଦାଖଲ କରିବେ। ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋଓ୍ୱାଲ ଦିବ୍ରୁଗଡ଼ ଆସନରୁ ନାମାଙ୍କନ ପତ୍ର ଦାଖଲ କରିବେ। ଅନ୍ୟପକ୍ଷରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏବଂ ଆସାମ ଗଣ ପରିଷଦ ଓ UUPL ର ଅଧ୍ୟକ୍ଷ ଉପସ୍ଥିତ ରହିବେ । କଂଗ୍ରେସ ନେତା ଗୌରବ ଗୋଗୋଇ ମଧ୍ୟ ଜୋରହାଟରୁ ନାମାଙ୍କନ ପତ୍ର ଦାଖଲ କରିବେ। ପ୍ରଥମ ପର୍ଯ୍ୟାୟରେ ୫ଟି ଆସନରେ ମତଦାନ ହେବ।

# ଭାରତୀୟ ତଟରକ୍ଷୀ ବାହିନୀ – ଜାହାଜ ଫିଲିପାଇନ୍ସ

ଭାରତୀୟ ତଟରକ୍ଷୀ ବାହିନୀର ସ୍ୱତନ୍ତ୍ର ପ୍ରଦୂଷଣ ନିୟନ୍ତ୍ରଣ ଜାହାଜ **ସି–ଗାର୍ଡ** ଫିଲିପାଇନ୍ସର ମାନିଲା ଉପସାଗରରେ ପହଞ୍ଚିଛି । ସାମୁଦ୍ରିକ ପ୍ରଦୂଷଣର ମୁକାବିଲା ପାଇଁ ଭାରତୀୟ ତଟରକ୍ଷୀ ବାହିନୀର ସାମର୍ଥ୍ୟ ପ୍ରଦର୍ଶନ କରିବା ଏବଂ ଆସିଆନ୍ ଅଞ୍ଚଳରେ ସାମୁଦ୍ରିକ ପ୍ରଦୂଷଣ ନିୟନ୍ତ୍ରଣ କରିବା ଏହି ଗସ୍ତର ଉଦ୍ଦେଶ୍ୟ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଏହି ଜାହାଜରେ ସ୍ୱତନ୍ତ୍ର ପ୍ରଦୂଷଣ ନିୟନ୍ତ୍ରଣ ଉପକରଣ ଏବଂ ଚେତକ ହେଲିକପ୍ଟର ରହିଛି। ଗତବର୍ଷ ଆଇସିଜି ସ୍ୱତନ୍ତ୍ର ଜାହାଜ କାମ୍ବୋଡିଆ, ମାଲେସିଆ, ସିଙ୍ଗାପୁର, ଥାଇଲାଣ୍ଡ ଓ ଇଣ୍ଡୋନେସିଆ ଗସ୍ତ କରିଥିଲା।

## ଜମ୍ମୁ ଓ କଶ୍ମୀର ରାଜ୍ୟ ପ୍ରୋଫାଇଲ୍

କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରରେ ୫ଟି ଲୋକସଭା ଆସନ ରହିଛି। ସେଥିମଧ୍ୟରୁ ଜମ୍ମୁ ଡିଭିଜନରେ ୨ଟି ଓ କାଶ୍ମୀର ଡିଭିଜନରେ ୩ଟି ଆସନ ରହିଛି। କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୨୦ଟି ଜିଲ୍ଲା ମଧ୍ୟରୁ ଜମ୍ମୁ ଡିଭିଜନର ଜମ୍ମୁ ଓ ଉଧମପୁରରୁ ୮ଟି ଜିଲ୍ଲା ଲୋକସଭାରେ ଅନ୍ତର୍ଭୁକ୍ତ ରହିଛି । ଉଧମପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଭାରତର ସବୁଠାରୁ ବିକଶିତ ଲୋକସଭା ନିର୍ବାଚନ ମଣ୍ଡଳୀ । ଏହି ଲୋକସଭା ନିର୍ବାଚନ ମଣ୍ଡଳୀର କ୍ଷେତ୍ରଫଳ ୨୦ ହଜାର ୨୩୦ ବର୍ଗ କିଲୋମିଟର । ଏହି ନିର୍ବାଚନ ମଣ୍ଡଳୀରେ ଜମ୍ମୁ ଡିଭିଜନର ୫ଟି ଜିଲ୍ଲା ଉଧମପୁର, କଠୁଆ, ଡୋଡା, କିସ୍ତୱାର ଏବଂ ରାମବନ ରହିଛି ।

## ଇସି – ସିଭିଜିଆଇଏଲ ଆପ୍

ସି-ଭିଜିଲ୍ ଆପ୍ ଜରିଆରେ ନିର୍ବାଚନ ପ୍ରକ୍ରିୟା ଉପରେ ନିର୍ବାଚନ ଆୟୋଗ ତୀକ୍ଷ୍ଣ ନଜର ରଖିଛନ୍ତି। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନର ରେକର୍ଡିଂ, ରିପୋର୍ଟିଂ ଏବଂ ସମାଧାନ ପାଇଁ ଏହି ଆପ୍ କାର୍ଯ୍ୟ କରୁଛି । ଏହି ଆପ୍ ଜରିଆରେ ଫଟୋ, ଭିଡିଓ ଇତ୍ୟାଦି ଉଠାଇ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ସମ୍ପର୍କରେ ଅନଲାଇନ୍ ଅଭିଯୋଗ କରାଯାଇପାରିବ।

ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ସଂପର୍କରେ ଜଣାଇବା ପାଇଁ ନିର୍ବାଚନ କମିଶନଙ୍କ ସିଭିଜିଲ୍ ଆପ୍ ଲୋକଙ୍କ ପାଇଁ ଏକ ପ୍ରଭାବଶାଳୀ ଅସ୍ତ୍ର ପାଲଟିଛି। ନାଗରିକମାନେ ଏହି ଆପ୍ ମାଧ୍ୟମରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଏବଂ ବ୍ୟୟ ଉଲ୍ଲଂଘନ ବିଷୟରେ ରିପୋର୍ଟ କରିପାରିବେ । ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର କହିଛନ୍ତି ଯେ ସି-ଭିଜିଲ୍ ଆପ୍ ନାଗରିକମାନଙ୍କୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ବିଷୟରେ ଜଣାଇବା ପାଇଁ କ୍ଷମତା ପ୍ରଦାନ କରିଛି ଏବଂ ୧୦୦ ମିନିଟ୍ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଛି। ସେ କହିଛନ୍ତି ....

V/o

Rajiv Kumar

## କବିତା–ହେପାଜତ

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଭାରତ ରାଷ୍ଟ୍ରୀୟ ସମିତି ନେତ୍ରୀ କେ କବିତାଙ୍କୁ ଏପ୍ରିଲ ୯ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର

ହେପାଜତ ଅବଧି ସରିବା ପରେ ଆଜି ତାଙ୍କୁ ଦିଲ୍ଲୀର ଏକ କୋର୍ଟରେ ହାଜର କରାଯାଇଥିଲା। କବିତାଙ୍କୁ ୧୫ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇବାକୁ ଇଡିର ଆବେଦନ ଉପରେ ରାଉଜ୍ ଆଭେନ୍ୟୁ କୋର୍ଟର ସ୍ୱତନ୍ତ୍ର ବିଚାରପତି କାବେରୀ ବାଭେଜା ଏହି ନିର୍ଦ୍ଦେଶ ଦେଇଛନ୍ତି। ଇଡିର ଓକିଲ ଅଦାଲତଙ୍କୁ କହିଛନ୍ତି ଯେ କବିତା ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ବ୍ୟକ୍ତି ଏବଂ ସେ ମୁକ୍ତ ହେଲେ  ସାକ୍ଷୀଙ୍କୁ ପ୍ରଭାବିତ କରିବାର ସମ୍ଭାବନା ରହିଛି ।

## ବିଜେପି – ସିକିମ ଓ ଉପନିର୍ବାଚନ

ସିକ୍କିମରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ବିଜେପି ଆଜି ୯ ଜଣିଆ ଦ୍ୱିତୀୟ ପ୍ରାର୍ଥୀ ତାଲିକା ଜାରି କରିଛି। ପେମା ୱାଙ୍ଗଜାଲ ରିନିଜିଙ୍ଗ୍’ ଗ୍ୟାଙ୍ଗଟକରୁ ଏବଂ ଅରୁଣା ମୁଙ୍ଗେର ନାମଚି-ସିଂଘିଥାଙ୍ଗ ଆସନରୁ ପ୍ରାର୍ଥୀ ହେବେ। ଗୁଜରାଟ, ହିମାଚଳ ପ୍ରଦେଶ, କର୍ଣ୍ଣାଟକ ଏବଂ ପଶ୍ଚିମବଙ୍ଗ ବିଧାନସଭା ଉପନିର୍ବାଚନ ପାଇଁ ବିଜେପି ୧୪ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି।

ଗୁଜୁରାଟର ବିଜାପୁରରୁ ଚତୁର୍ସିଂହ ଚାଓ୍ୱଡ଼ା ଓ ପୋରବନ୍ଦରରୁ ଅର୍ଜୁନ ମୋଧବାଡିଆଙ୍କୁ ପ୍ରାର୍ଥୀ କରାଯାଇଛି।

ହିମାଚଳ ପ୍ରଦେଶରେ ରବି ଠାକୁରଙ୍କୁ ଲାହୋଲ ଏବଂ ସ୍ପିତିରୁ ପ୍ରାର୍ଥୀ କରାଯାଇଥିବା ବେଳେ ରାଜିନ୍ଦର ରାଣା ସୁଜାନପୁରରୁ ପ୍ରାର୍ଥୀ ହେବେ। କର୍ଣ୍ଣାଟକର ସୋରପୁରରେ ନରସିଂହ ନାୟକ  ଦଳୀୟ ପ୍ରାର୍ଥୀ ହେବେ।

ପଶ୍ଚିମବଙ୍ଗର ଭଗଓ୍ୱାଙ୍ଗୋଲାରୁ ଭାସ୍କର ସରକାର ଓ ବରନଗରରୁ ସଜଲ ଘୋଷ ପ୍ରାର୍ଥୀ ହୋଇଛନ୍ତି ।

# ଆଇପିଏଲ୍

ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଗତକାଲି ଖେଳାଯାଇଥିବା ଆଇପିଏଲ୍ କ୍ରିକେଟ୍ ମ୍ୟାଚ୍ ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୪ ଓ୍ୱିକେଟ୍ ରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରିଛି । ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୯.୨ ଓଭରରେ ୬ ଓ୍ୱିକେଟ୍ ହରାଇ ୧୭୮ ରନ୍ କରିଥିଲା ।  ବାଙ୍ଗାଲୋର ପକ୍ଷରୁ ବିରାଟ କୋହଲି ୪୯ ବଲରେ ୭୭ ରନ୍ କରିଥିବା ବେଳେ ଦିନେଶ କାର୍ତ୍ତିକ ୧୦ଟି ବଲ୍ ରେ ୨୮ ରନ୍ କରିଥିଲେ ।

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ପଞ୍ଜାବ କିଙ୍ଗ୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ଓ୍ୱିକେଟ୍ ହରାଇ ୧୭୬ ରନ୍ କରିଥିଲା । ଅଧିନାୟକ ଶିଖର ଧାଓ୍ୱନ ୩୭ଟି ବଲ୍ ରୁ ସର୍ବାଧିକ ୪୫ ରନ୍ କରିଥିଲେ । ବାଙ୍ଗାଲୋର ପକ୍ଷରୁ ଗ୍ଲେନ ମ୍ୟାକ୍ସୱେଲ ଓ ମହମ୍ମଦ ସିରାଜ ୨ଟି ଲେଖାଏଁ ଓ୍ୱିକେଟ୍ ନେଇଥିଲେ । ବିରାଟ କୋହଲି ମ୍ୟାଚ୍ ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

ଆଜି ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମରେ  ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ  ଚେନ୍ନାଇ ସୁପର କିଙ୍ଗସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ମୁକାବିଲା ହେବ  ।

## ଟେନିସ୍ – ମିଆମି ଓପନ୍

ଭାରତର ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସାଥୀ ମାଥ୍ୟୁ ଏବଡେନ ମିଆମି ମାଷ୍ଟର୍ସ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ଏହି ଯୋଡି ମୋନାକୋର ହ୍ୟୁଗୋ ନ୍ୟାସ ଏବଂ ପୋଲାଣ୍ଡର ଜାନ୍ ଜେଲେନସ୍କିଙ୍କୁ ୭-୫, ୭-୬ ସେଟ୍‌ରେ ପରାସ୍ତ କରିଥିଲେ । କ୍ୱାର୍ଟର ଫାଇନାଲରେ ରୋହନ ବୋପାନ୍ନା ଓ ମାଥ୍ୟୁ ଏବଡେନ ଆସନ୍ତାକାଲି ଅଷ୍ଟ୍ରେଲିଆର ସେମ ଭର୍ବିକ୍ ଓ ଜନ୍ ପ୍ୟାଟ୍ରିକ୍‌ଙ୍କ ଯୋଡ଼ିକୁ ଭେଟିବେ ।

## ଇଣ୍ଡିଆ – ରେନ୍

ଏସିଆ ପ୍ରଶାନ୍ତ ମହାସାଗରୀୟ ଅର୍ଥନୈତିକ ସହଯୋଗ ଜଳବାୟୁ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଚଳିତବର୍ଷ ଜୁଲାଇରୁ ସେପ୍ଟେମ୍ବର ମାସ ମଧ୍ୟରେ  ଦେଶରେ ହାରାହାରିଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି । ଜଳବାୟୁ କେନ୍ଦ୍ର ଭାରତ ପାଇଁ ମୌସୁମୀ ର ଚଳିତ ବର୍ଷର ପ୍ରଥମ ପୂର୍ବାନୁମାନ ଜାରି କରିଛି । ଏଥିରେ ଏପ୍ରିଲରୁ ଜୁନ୍ ଏବଂ ଜୁଲାଇରୁ ସେପ୍ଟେମ୍ବର ପାଇଁ ଦୁଇଟି ଅଲଗା ମୂଲ୍ୟାୟନ କରାଯାଇଛି ।

ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ପୂର୍ବ ଆଫ୍ରିକାରୁ ଆରବ ସାଗର, ଭାରତ, ବଙ୍ଗୋପସାଗର, ଇଣ୍ଡୋନେସିଆ, କ୍ୟାରିବିଆନ୍, ମେରୁ ଉତ୍ତର ଆଟଲାଣ୍ଟିକ୍, ଦକ୍ଷିଣ ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ବର୍ଷା ସ୍ୱାଭାବିକଠାରୁ ଅଧିକ ହେବାର ସମ୍ଭାବନା ରହିଥିବା ପୂର୍ବାନୁମାନ କରାଯାଇଛି ।

ଏହା ପୂର୍ବରୁ ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଥିଲେ ଯେ ଏଲ୍ ନିନୋ  ପ୍ରଭାବରେ ଚଳିତ ବର୍ଷ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ରହିଛି। ତେବେ ଗ୍ରୀଷ୍ମ ଋତୁ ପରେ ଏଲ୍ ନିନୋ ନିଷ୍କ୍ରିୟ ହେବ ବୋଲି ଜଣାପଡ଼ିଛି । ଲା ନିନା କାରଣରୁ ଭାରତରେ ମୌସୁମୀର ଶେଷ ଭାଗରେ ଭଲ ବର୍ଷା ହୋଇପାରେ ।